# Akashvani, Sambalpur

## SAMBALPURI NEWS BULLETIN

### 8 July 2025- 6.47- 6.52 am.

*********************************************

ନୀଳାଦ୍ରୀ ବିଜେ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ରଥାରୁଢ଼ ଚତୁର୍ଦ୍ଧାମୂର୍ତିଙ୍କର୍ ଆଏଜ୍ ନୀଳାଦ୍ରୀ ବିଜେ ହେବା । ମାହାପୁରୁମାନେ ଗୋଟିପହଣ୍ଡିଥି ଯାଇକରି ଶ୍ରୀମନ୍ଦିର ରତ୍ନବେଦୀଥି ବିଜେ କର୍‌ବେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଧାରିଜ୍ ହେଇଥିବା ନୀତି ନିର୍ଘଂଟ୍ ଅନ୍‌ସାରେ ଉପର୍‌ବେଲା ସାଢ଼େ ୩ ବଜେତକ୍ ରଥ ନ ଚାରମାଳ ବନ୍ଧା ହେଇକରି ସିଂହାସନ ମାଜଣା ହେବା । ୩ ବାଜିକରି ୫୦ ମିନିଟ୍‌ଥି ପୁଷ୍ପାଞ୍ଜଳି ଅର୍ପଣ ହେଇକରି ବିଜେ କାହାଳୀ ବାଜ୍‌ବା । ସେନ୍ତା ଉପର୍‌ବେଲା ୪ ବଜେ ପହଣ୍ଡି ମୁଲ୍ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଳିଛେ । ନୀଳାଦ୍ରୀ ବିଜେ ସର୍‌ବାର୍ ଉତ୍‌ରୁ ମାହାପୁରୁଙ୍କର୍ ରଥ୍‌ଯାତ୍ରା ଶେଷ୍ ହେବା । ଆଏବା କାଏଲ୍‌ଠାନୁ ଭକ୍ତମାନେ ନୀଳାଚଳ ଅବଢ଼ା ପାଏବେ ।

ରତ୍ନଭଣ୍ଡାର ମରାମତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପତ୍ନତତ୍ୱ ବିଭାଗ୍‌ର ସିଧାସଲଖ୍ ଦେଖ୍‌ରେଖ୍‌ଥି ୯୫ ଦିନ୍‌ର କାମ୍ ଉତ୍‌ରୁ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଶେଷ ହେଇଛେ ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ । ଇ ବାବ୍‌ଦେ ଗଣମାଧମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ପାଢ଼ୀ କହିଛନ୍, ଭିତର୍ ଆଉ ବାହାର୍ ରତ୍ନଭଣ୍ଡାରର୍ ମରାମତି ଆଉ ସଂରକ୍ଷଣ କାମ୍ ଠିକ୍ ଭାବେ କରାଯାଇଛେ ଆଉ ଇଟା ଆଏବା ୨ ଶହ ବଛର୍ ତକ୍ ସଂରକ୍ଷିତ୍ ହେଇକରି ରହେବା । ମରାମତି ବେଲେ ପୁର୍‌ନା ବିମ୍‌କେ ମିଶେଇକରି ମୋଟ୍ ୨୧ଟା ବିମ୍ ଲଗାଯାଇଛେ । ରତ୍ନଭଣ୍ଡାର୍ ଛାତ୍ ନ ୧୫ଟା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍ ଭିଲ୍ ଲଗାଯାଇଛେ । ସେଆଡ଼େ ରତ୍ନଭଣ୍ଡାର୍ ଚଟେନ୍ ନ ଗ୍ରାନାଇଟ୍ ପଥର ଖଞ୍ଜାଯାଇଛେ । ସବୁ କାମ୍ ଗଜପତି ମହାରାଜ୍‌ଙ୍କର ପ୍ରତିନିଧିମାନଙ୍କର ଉପସ୍ଥିତିଥି କରାଯାଇଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ନିଯୁକ୍ତି ପ୍ରକ୍ରିୟା ମୁଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖାଲି ପଡ଼ିଥିବା ପଦ୍‌ବୀ ମାନ୍‌କୁ ଖୋବ୍ ଜଲ୍‌ଦି ନିଯୁକ୍ତି ଦେବାର୍‌କେ ରାଜ୍ୟ ସର୍‌କାର୍ ଯୋଜ୍‌ନା କରିଛନ୍ । କେନ୍ ବିଭାଗ୍‌ଥି କେତେ ପଦ୍‌ବୀ ଖାଲି ପଡ଼ିଛେ, କ୍ଷମତା ସମ୍ପନ୍ନ କମିଟିର୍ ଅନୁମତି ମିଲିଛେ କି ନାଇଁ ଇସବୁ ତଥ୍ୟ ଜଲ୍‌ଦି ଦେବାର୍‌କେ ସାଧାରଣ୍ ପ୍ରଶାସନ୍

ବିଭାଗ୍ ତର୍ଫୁ ସବୁ ବିଭାଗ୍‌କେ ଚିଠି ଜରିଏ ତଥ୍ୟ ମଗାଯାଇଛେ । ଇ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଲାଗି ନୋଡ଼ାଲ୍ ଅଫିସର୍ ନିଯୁକ୍ତି କର୍‌ବାର୍‌କେ ବିଭାଗ୍ ତର୍ଫୁ ପରାମର୍ଶ ଦିଆଯାଇଛେ ।

ସୂଚ୍‌ନା ଅନ୍‌ସାରେ ସର୍‌କାର୍‌ଙ୍କର୍ ୪୧ ଟା ବିଭାଗ୍‌ନୁ ୪ ଲାଖ୍ ପଦ୍‌ବୀ ମଞ୍ଜୁର୍ ଥିଲା ବେଲ୍‌କେ ଏଛେନ୍ ଲାଖେ ପଦ୍‌ବୀ ଖାଲି ପଡ଼ିଛେ । ରାଜ୍ୟ ସର୍‌କାର୍ ୨ ବଛର୍ ଭିତ୍‌ରେ ୬୫ ହଜାର୍ ନିଯୁକ୍ତି ସହେତେ ୫ ବଛର୍ ଭିତ୍‌ରେ ଦେଢ଼୍ ଲାଖ୍ ନିଯୁକ୍ତି ଦେବାର୍‌କେ ଲକ୍ଷ୍ୟ ରଖିଛନ୍ ।

ଛାତ୍‌ଉପର୍ ବଗିଚା I&PR

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ଛାତ୍ ଉପର୍ ବଗିଚା କର୍‌ବାର୍ ଦିଗେ ଲୁକ୍‌କୁ ତହଁକାବାର୍ ଲାଗି ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କର୍‌ବେ । ଇ ରଥ ସହରେ ବୁଲିକରି ଲୁକ୍‌କୁ ଛାତ୍‌ଉପ୍‌ରେ କେନ୍ତାକରି ବଗିଚା କରିପାର୍‌ବେ ଆଉ ତାର୍ ଉପକାରିତା ବାବ୍‌ଦେ ବୁଝାବା ।

ଏଆଇ କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସରକାରୀ ଅଧିକାରୀମାନଙ୍କୁ କୃତ୍ରିମ ବୁଦ୍ଧିମତା-ଏଆଇର୍ ବେଭାର୍ ବାବ୍‌ଦେ ତାଲିମ୍ ଦେବାର୍ ଲାଗି ଗଲାକାଏଲ୍ ଭୁବନେଶ୍ୱର ରାଜ୍ୟ କନ୍‌ଭେନ୍‌ସନ୍ ସେଂଟର୍‌ଠାନେ ଚାର୍‌ଦିନିଆ କର୍ମଶାଲା ମୁଲ୍ ହେଇଛେ । ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ୍ ଆଉ ୱାଧ୍‌ୱାନି ଫାଉଣ୍ଡେସନ୍ ତର୍‌ଫୁ ହେଇଥିବା ଇ କର୍ମଶାଲାକେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଲ୍ କୁମାର ଦେବ ଉଦ୍‌ଘାଟନ୍ କରିଛନ୍ ।

ପ୍ରଧାନମନ୍ତ୍ରୀ ଆବାସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାଥି ହିତାଧିକାରୀମାନଙ୍କୁ ଆଏବା ଦଶରା ଉତ୍‌ରୁ ଘର ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ ସୂଚ୍‌ନା ଦେଇଛନ୍ । ରାଜ୍ୟର୍ ୩୭ ଲାଖ୍ ପିଏମ୍ ଆବାସ ଆବେଦନ୍‌କେ କେନ୍ଦ୍ର ସରକାର ବିଚାର୍‌କେ ନେଇଛନ୍ । ଖୋବ୍ ଜଲ୍‌ଦି ଇଥିର୍ ଲାଗି ପ୍ରକ୍ରିୟା ମୁଲ୍ ହେବା । ଦିଲ୍ଲୀ ଗସ୍ତ ବେଲ୍‌କେ ମନ୍ତ୍ରୀ ଶ୍ରୀ ନାଏକ କେନ୍ଦ୍ରମନ୍ତ୍ରୀଙ୍କର୍ ସଙ୍ଗେ ଇ ବାବ୍‌ଦେ ଆଲୋଚନା କରିଥିବା ସୂଚ୍‌ନା ଦେଇଛନ୍ ।

ରାଜ୍ୟ ବିଜେପି ସଭାପତି -ନାମାଙ୍କନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ବିଜେପି ସଭାପତି ଆଉ ଜାତୀୟ ପରିଷଦ୍ ସଦସ୍ୟ ପଦ୍ ଲାଗି ଚାଲିଥିବା ନିର୍ବାଚନ୍ ପ୍ରକ୍ରିୟାଥି ଆଏଜ୍ ନାମାଙ୍କନ ପତ୍ର ଯାଂଚ ହେବା । ଗଲାକାଏଲ ସଭାପତି ପଦ୍ ଲାଗି ମନ୍‌ମୋହନ୍ ସାମଲ୍ ଝନେନ ପ୍ରାର୍ଥୀ ଭାବେ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ସେନ୍ତା ଜାତୀୟ ପରିଷଦ୍ ସଦସ୍ୟ ପଦ୍ ଲାଗି ୩୨ ଝନ୍ ନାମାଙ୍କନ୍ ଦାଖଲ୍ କରିଥିଲେ । ଆଏଜ୍ ପ୍ରାର୍ଥିପତ୍ର ଯାଂଚ୍ ଉତ୍‌ରୁ ପରିଷଦ୍ ସଦସ୍ୟଙ୍କର୍ ନାଁ ଘୋଷ୍‌ନା କରାଯିବା ବଲି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ୍ ଗଲାକାଏଲ୍ ସୂଚ୍‌ନା ଦେଇଛନ୍ ।

ପ୍ରିୟଙ୍କା- ଜାତୀୟ କବାଡ଼ି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜସ୍ଥାନ୍ ନ ହେବାର୍‌କେ ଥିବାର୍ ଜାତୀୟ କବାଡ଼ି କେମ୍ପ୍ ଲାଗି ସମ୍ବଲ୍‌ପୁର୍‌ର ପ୍ରିୟଙ୍କା ପ୍ରଧାନ୍ ବଛା ହେଇଛନ୍ । ସେନ ଭଲ୍ ପ୍ରଦର୍ଶନ୍ କଲେ ପ୍ରିୟଙ୍କା ଏସିଆନ୍ ଚାମ୍ପିଅନ୍‌ସିପ୍‌ଥି ଖେଲ୍‌ବାର୍ ସୁଯୋଗ୍ ପାଏବେ । ଉତରାଖଣ୍ଡ୍ ନ ଚାଲିଥିବା ୧୮ ବଛର୍‌ନୁ କମ୍ ବୟସର୍ କବାଡ଼ିଥି ସଫଲ୍ ହେଇକରି ପ୍ରିୟଙ୍କା ଜାତୀୟ କେମ୍ପ୍ ଲାଗି ବଛା ହେଇଛନ୍ । ଇ ସଫଲ୍‌ତା ଲାଗି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ପ୍ରିୟଙ୍କାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ବିଶ୍ୱ ପୁଲିସ, ଅଗ୍ନିଶମ କ୍ରୀଡ଼ା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତରାଷ୍ଟ୍ର ଆମେରିକାର୍ ବର୍ମିଂହାମ୍‌ଠାନେ ଚାଲିଥିବା ବିଶ୍ୱ ପୁଲିସ ଆଉ ଅଗ୍ନିଶମ କ୍ରୀଡ଼ା-୨୦୨୫ଥି ଓଡ଼ିଶାର୍ ଖେଲାଲିମାନେ ନିରନ୍ତର ସଫଲ୍‌ତା ହାସଲ୍ କରି ଚାଲିଛନ୍ । ଗଲା ୬ ଦିନ୍ ଭିତ୍‌ରେ ଓଡ଼ିଶାକେ ୧୩ଟା ସ୍ୱର୍ଣ୍ଣ, ୩ଟା ରୌପ୍ୟ ଆଉ ୪ଟା କାଂସ୍ୟ ପଦକ୍ ଜିତ ସାରିଛନ୍ । ଗଲାକାଏଲ୍ ଓଡ଼ିଶା ପୁଲିସ୍‌ର ଖେଲାଲି ଅଶୋକ ଦଣ୍ଡସେନା ୨ଟା ସ୍ୱର୍ଣ୍ଣ ପଦକ ଆଉ ସୁସ୍ମିତା ଟିଗ୍‌ଗା ଗୁଟେ ରୌପ୍ୟ ପଦକ୍ ଜିତିକରି ରାଜ୍ୟ ଲାଗି ଗୌରବ୍ ଆନିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍-୨୦ ଟା ଗେଟ    ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୦ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି' ସେକେଣ୍ଡ୍‌ଥି ୨ ଲାଖ୍ ୩୩ ହଜାର୍ ୮ ଶହ ୨୪ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୩ ଲାଖ୍ ୩୨ ହଜାର୍ ୪ ଶହ ୯୧ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୮ ଦଶ୍‌ମିକ୍ ଶୂନ୍/୪ ଫୁଟ୍ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍ରେ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୧୩ ତାରିଖ୍‌ତକ୍ ରାଏଜେ ଘଡ୍‌ଘଡ଼ି ସହେତେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବର୍‌ଗଡ୍, ବଲାଙ୍ଗିର୍ ଆଉ ନୂଆପଡ଼ା ଜିଲ୍ଲା ନ ଘଡ୍‌ଘଡ଼ି ମାରିକରି ଜବର୍ ବର୍ଷା ଆଉ ୨୨ ଟା ଜିଲ୍ଲା ନ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।